# ପିଲାଙ୍କ ଧରିତ୍ରୀ

ଶନିବାର, ୭ ଡିସେମ୍ବର, ୨୦୧୯




ଆସ ଜାଣିବା ୩

୮ ଆଇନା

କହିଲ ଦେଖି ୬


୨ ଜଣା -ଅଜଣା







## ଖି ଲି ଖି ଲି ହସ



**ରମେଶ:** ତୁମେ ଜାଣିଛ କି ସ୍ୟାହି ପନିର ଓ ପନିର ଟିକା ମଧ୍ୟରେ କ'ଣ ଫରକ?
**ନରେଶ:** ଏଇଟା ତ ବହୁତ ସହଜ ପ୍ରଶ୍ନ ଯେଉଁ ପନିରକୁ ପୁରୁଣା ଯୁଗର ରାଜା ମହାରାଜା ଆଉ ବଡ ଖାନ୍‌ଦାନ୍ ଘରର ଲୋକ ଖାଉଥିଲେ ତାକୁ ସ୍ୟାହି ପନିର ଓ ଯେଉଁ ପନିରରେ ଟିକା ଲଗାଇ ପ୍ରସ୍ତୁତ କରାଯାଏ ତାକୁ ପନିର ଟିକା କୁହାଯାଏ।

**ଅଙ୍କିତ୍:** ନନ୍ଦୁ, ମୁଁ କାଲି ଗୋଟିଏ ଦିନରେ ବାଘର ମୁଣ୍ଡ ଭାଙ୍ଗିଦେଲି, ସିଂହକୁ ଟେକି ଫୋପାଡ଼ି ଦେଲି ଓ ଶେଷରେ ହାତୀକୁ ତଳେ ଫୋପାଡ଼ି ଦେଲି।
**ନନ୍ଦୁ ଆଶ୍ଚର୍ଯ୍ୟ ହୋଇ କହିଲା:** ପୁଣି କ'ଣ ହେଲା ?
ଅଙ୍କିତ୍: ପୁଣି ଖେଳନା ସବୁ ଭାଙ୍ଗିଦେବାରୁ ମା' ମୋତେ ବହୁତ ଗାଳି ଦେଲେ।

**ଗୋଲୁ:** ମୋନୁ, ଜାଣିଲୁ ମୋ କ୍ଲାସ ଟେଷ୍ଟରେ ୧୦୦ ମାର୍କରୁ ୨୮ନମ୍ବର ଆସିଲା। ଏହାଶୁଣି କ୍ଲାସ୍‌ର ସବୁ ପିଲା ହସିବାକୁ ଲାଗିଲେ।
**ମୋନୁ:** ଆଚ୍ଛା, ପୁଣି କ'ଣ ହେଲା ?
ଗୋଲୁ: (ହସିକି) ପୁଣି ସାର୍ କହିଲେ କ୍ଲାସ ଭିତରେ ମୋର ସବୁଠୁ ଅଧିକ ନମ୍ବର ଅଛି । ଏହି କଥା ଶୁଣି କ୍ଲାସ୍‌ର ବାତାବରଣ ପୂରା ଶାନ୍ତ।

## ମୁଁ ଗର୍ବ କରେ ନାହିଁ

ଗପ



ଗୋଟିଏ ଗାଁରେ ଦୁଇଜଣ ଧନୀବ୍ୟକ୍ତି ରହୁଥିଲେ । ସେମାନଙ୍କ ଘର ପାଖାପାଖି ଥିଲା । ଜଣଙ୍କ ନାଁ ହୀରାଲାଲ୍ ଓ ଅନ୍ୟଜଣଙ୍କ ନାଁ ମୋତିଲାଲ୍। ଦୁଇଜଣ ଦାନ, ଧର୍ମ ଓ ପରୋପକାର କାର୍ଯ୍ୟରେ ସର୍ବଦା ଲିପ୍ତ ରୁହନ୍ତି । ଦୁଃଖୀ, ଦରିଦ୍ର ଓ ଅସହାୟଙ୍କୁ ସାହାଯ୍ୟ କରନ୍ତି। ଉଭୟଙ୍କର ଖଣ୍ଡମଣ୍ଡଳରେ ବେଶ୍ ନାଁ ଥିଲା। କେହି ସେମାନଙ୍କ ପାଖକୁ ଆସିଲେ ଖାଲି ହାତରେ ଫେରନ୍ତି ନାହିଁ। ଥରେ ସେହି ଗାଁକୁ ଜଣେ ସନ୍ଥ ଆସିଥିଲେ। ହୀରାଲାଲ୍ ଓ ମୋତିଲାଲ୍ ଉଭୟ ନିଜ ନିଜ ଘରକୁ ଆସି ଭୋଜନ ଲାଗି ସନ୍ଥଙ୍କୁ ନିମନ୍ତ୍ରଣ ଦେଲେ। ସନ୍ଥ ନିମନ୍ତ୍ରଣ ରକ୍ଷା କରି ସନ୍ଧ୍ୟା ସମୟରେ ପ୍ରଥମେ ହୀରାଲାଲ୍ ଘରକୁ ପ୍ରବେଶ କଲେ। ଖୁବ୍ ଆଦରରେ ସନ୍ଥଙ୍କୁ ଘର ଭିତରକୁ ପୋଛୋଟି ନେଲେ ହୀରାଲାଲ୍ । ତାଙ୍କ ଗୋଡ଼ ଧୋଇ ବସିବା ପାଇଁ ସ୍ଥାନ ଦେଲେ । ନିଜେ ଆଜି ଯାଏ କରିଥିବା ଧର୍ମ, କର୍ମ, ଦାନ ବିଷୟରେ ସନ୍ଥଙ୍କ ଆଗରେ ବଖାଣିଲେ ଓ କହିଲେ ମୋ ଘରୁ ଆଜି ଯାଏ କେହି ଖାଲିହାତରେ ଫେରିନି । ନିଜ ଘରେ ରଖିଥିବା ଦାମୀ ଜିନିଷ ସବୁ ଦେଖାଇଲେ । ହୀରାଲାଲ୍ କହିଲେ ସନ୍ଥ ମହାଶୟ, ମୁଁ ଏତେ ଯଶ ଲାଭ କରି, ଚାରିଖଣ୍ଡି ଗାଁରେ ମୋର ଭଲ ପରିଚୟ ଥାଇ,ଏତେ ଦାନ, ଧର୍ମ କରିବା ପରେ ବି ମୋ ମନରେ ଟିକିଏ ବି ହେଲେ ଗର୍ବ ନାହିଁ। ଖାଇବା ସମୟ ହେବାରୁ ସନ୍ଥଙ୍କ ପାଇଁ ବିଭିନ୍ନ ପ୍ରକାର ଖାଦ୍ୟପଦାର୍ଥ ପରଷାଗଲା। ହେଲେ ସନ୍ଥ କହିଲେ କ୍ଷମା କର ମୋତେ ଆଦୌ ଭୋକ ନାହିଁ। ମୁଁ କେବଳ ତୁମ ଅନୁରୋଧ ରକ୍ଷା କରି ବୁଲିବାକୁ ଚାଲିଆସିଲି। ଏତିକି କହି ସନ୍ଥ ପ୍ରସ୍ଥାନ କଲେ।

ଏହା ପରେ ସନ୍ଥଜଣଙ୍କ ମୋତିଲାଲ୍ ଘରକୁ ଗଲେ । ମୋତିଲାଲ୍ ଅତିଥି ସତ୍କାର କରି ବସିବା ପାଇଁ କହିଲେ। ସନ୍ଥ କହିଲେ, ମୋତିଲାଲ୍ ନିଜ ବିଷୟରେ କିଛି କୁହ । ମୋତିଲାଲ୍ କହିଲେ– କ'ଣ ବା ମୁଁ ଆପଣଙ୍କ ଆଗରେ କହିବି, ଆପଣ ତ ମହାଜ୍ଞାନୀ । ଯାହା ମୋ ପାଖରେ ଦେଖୁଛନ୍ତି ଏ ସବୁ ଈଶ୍ୱରଙ୍କ ଦୟାରୁ ପ୍ରାପ୍ତ । ଯାହା ଆଜି ଆପଣଙ୍କୁ ଭୋଜନରେ ଦେବି ଏ ମଧ ଈଶ୍ୱରଙ୍କର। ମୁଁ ତ ନିମିତ୍ତ ମାତ୍ର। ଭଗବାନଙ୍କୁ କେବଳ ମୋର ଏତିକି ପ୍ରାର୍ଥନା ଈଶ୍ୱର ସମସ୍ତଙ୍କୁ ସମାନ ସମ୍ପତ୍ତିର ଅଧିକାରୀ କରନ୍ତୁ । କାହାକୁ ଅଧିକ କାହାକୁ କମ୍ ଦେଇ ଧନୀ ଦରିଦ୍ରର ଭେଦଭାବ ସୃଷ୍ଟି ନ କରନ୍ତୁ । ଦୁଃଖୀ ଦରିଦ୍ର କେହି ନ ରୁହନ୍ତୁ। ଭିକ୍ଷାବୃତ୍ତି କେହି ନ କରନ୍ତୁ । ସନ୍ଥ ମୋତିଲାଲ୍ କଥାରେ ଖୁସି ହେଲେ। ପେଟେ ଖାଇ ତାଙ୍କୁ ଆଶୀର୍ବାଦ ଦେଇ ପ୍ରସ୍ଥାନ କଲେ । ହୀରାଲାଲ୍ ସେ ସମୟରେ ନିଜ ଦୁଆରେ ଠିଆହୋଇଥିଲେ । ମୋତିଲାଲ୍‌କୁ କହିଲେ ଜାଣିଲ ଭାଇ ସନ୍ଥ ମୋ ଘରେ କିଛି ଭୋଜନ କଲେ ନାହିଁ, ମନଟା ଭଲ ଲାଗୁନି ସେଥିପାଇଁ। ମୋତିଲାଲ୍ କହିଲେ, ନାଇଁ ତ ସନ୍ଥ ଏ ଅଧମ ଦୁଆରେ ଭୋଜନ କଲେ । ଏତିକି ଶୁଣି ହୀରାଲାଲ୍ ଦୌଡି ଦୌଡି ସନ୍ଥଙ୍କ ପାଖକୁ ଗଲେ ଏବଂ କହିଲେ, ମହାଶୟ ଆପଣଙ୍କୁ ଭୋକ ନାହିଁ କହି ମୋ ଘରେ କିଛି ଗ୍ରହଣ କଲେ ନାହିଁ ଅଥଚ ମୋତିଲାଲ୍ ଘରେ ଭୋଜନ କଲେ। ସନ୍ଥ ସାମାନ୍ୟ ହସି କହିଲେ, ତୁମେ ପରଷିଥିବା ଖାଦ୍ୟରୁ ଗର୍ବ ଅହଂକାରର ଉତ୍କଟ ଗନ୍ଧ ଭାସିଆସୁଥିଲା। ମାତ୍ର ମୋତିଲାଲ୍ ପରଷିଥିବା ଖାଦ୍ୟରେ ତାହା ନ ଥିଲା। ହୀରାଲାଲ୍ କହିଲେ, ନା ମହାଶୟ ମୁଁ ଆଦୌ ଗର୍ବ କରେ ନାହିଁ, ତେବେ ଏହା କିପରି ସମ୍ଭବ? ସନ୍ଥ କହିଲେ, ତୁମେ ଏବେ ବି ଭ୍ରାନ୍ତ ଧାରଣାରେ ଅଛ । ଜଣେ କେବଳ ମୁଁ ଗର୍ବ କରେ ନାହିଁ ବୋଲି କହିଲେ ତା' ମନରେ ଗର୍ବ ଭାବନା ନାହିଁ ବୋଲି ଭାବିବା ଭୁଲ୍। ତା'ର ବ୍ୟବହାର, ମୁଖ ନିର୍ଗତ ବାକ୍ୟ ହିଁ ଜଣାଇଦିଏ ସେ କ'ଣ ବୋଲି । ତୁମର ପ୍ରତି ବାଣୀରେ ମୁଁ ମୁଁ ଉଚ୍ଚାରିତ ହେଉଥିଲା । ଗର୍ବ ନ କରୁଥିବା ଲୋକ ତ ସ୍ଥିର। ସେ ନିଜେ ହିଁ ଜାଣିପାରେନି ସେ ଗର୍ବ କରେନାହିଁ ବୋଲି। ମୁଁ କେବେ ଗର୍ବ କରେ ନାହିଁ କହିବା ହିଁ ଏକ ପ୍ରକାରର ଗର୍ବ। ହୀରାଲାଲ୍ ନିଜ ଭୁଲ୍ ବୁଝିପାରି ସେହିଦିନଠାରୁ ପରିବର୍ତ୍ତନ ହେଲେ।

– **ପ୍ରୀତିପ୍ରିୟା ମହାନ୍ତି**
ମୟୂରଝାଳିଆ, ରଣପୁର,ନୟାଗଡ଼
ମୋ:୬୩୭୦୪୮୧୦୧୦




## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ମତାମତ

- ପିଲାଙ୍କ ଧରିତ୍ରୀର ପ୍ରତିଟି ପୃଷ୍ଠା ମୋର ଖୁବ୍ ପସନ୍ଦ। ଏହାର ପୃଷ୍ଠା ସଂଖ୍ୟା ବୃଦ୍ଧି କରାଗଲେ ଭଲ ହୁଅନ୍ତା।
  – **ଦେବଦତ୍ତ ଷେଣ୍ଡରିଆ,** ମୋଦିପଡା, ସମ୍ବଲପୁର

- କହିଲ ଦେଖି ଏବଂ 'ଆସ ଖୋଜିବା'ର ଉତ୍ତର ଦେବାକୁ ମୋତେ ଭଲ ଲାଗେ। କବିତା ସ୍ତମ୍ଭରେ ପ୍ରକାଶ ପାଇଥିବା 'କରିଣ ପଛ' ବେଶ୍ ହୃଦୟସ୍ପର୍ଶୀ ଥିଲା।
  – **ପୂର୍ଣ୍ଣେନ୍ଦୁ ପଟ୍ଟନାୟକ,** ଗାନ୍ଧୀନଗର, ବଲାଙ୍ଗୀର

- ଜଣା ଅଜଣା ପୃଷ୍ଠାରୁ ଅନେକ ନୂଆ ତଥ୍ୟ ଜାଣିବାକୁ ମିଳୁଛି।
  – **କବିତା ସାହୁ,** ତାରତୁଆ, ଖୋର୍ଦ୍ଧା

- ଆଇନା ପୃଷ୍ଠାରେ ପ୍ରକାଶ ପାଉଥିବା କୁନି କୁନି ପିଲାଙ୍କ ଫଟୋ ଖୁବ୍ ସୁନ୍ଦର ଲାଗୁଛି।
  – **ଲକ୍ଷ୍ମୀପ୍ରିୟା ହୋତା,** ଜୟପୁର, କୋରାପୁଟ

ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ବର୍ତ୍ତମାନ ୨୦୧୨ ରେ ଇଥିଓପିଆ









୨୦୧୯ ମସିହା ସରିବାକୁ ଆଉ କିଛି ଦିନ ରହିଲା । ପରନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏପରି ଏକ ଦେଶ ରହିଛି ଯେଉଁଠାରେ ବର୍ତ୍ତମାନ ୨୦୧୨ ମସିହା ଚାଲୁରହିଛି । ଅର୍ଥାତ୍ ଅନ୍ୟ ଦେଶଗୁଡ଼ିକଠାରୁ ସେହି ଦେଶ ୭ବର୍ଷ ପଶ୍ଚାତ୍ ଚାଲୁଛି । ସେହି ଦେଶର ଗୋଟିଏ ବର୍ଷ ୧୩ମାସ ବିଶିଷ୍ଟ ହୋଇଥାଏ । ତେବେ ଆସନ୍ତୁ ଜାଣିବା ସେହି ଦେଶ ସମ୍ପର୍କରେ ।

ଯେଉଁ ଦେଶ ବିଷୟରେ ଏଠାରେ କୁହାଯାଉଛି, ତାହା ହେଉଛି ଇଥିଓପିଆ । ଏହି ଦେଶର ଜନସଂଖ୍ୟା ୧୦ କୋଟି ପାଖାପାଖି । ଅଧିକାଂଶ ଦେଶ ଜାନୁୟାରୀ ୧ ତାରିଖରେ ନୂଆ ବର୍ଷ ପାଳନ କରୁଥିବା ବେଳେ ଇଥିଓପିଆବାସୀ ସେପ୍ଟେମ୍ବର ୧୧ରେ ନୂଆବର୍ଷ ପାଳନ କରିଥାନ୍ତି ।



ଇଥିଓପିଆବାସୀଙ୍କର ନିଜର କପ୍ଟିକ କ୍ୟାଲେଣ୍ଡର ଅଛି, ସେହି ହିସାବରେ ସେମାନେ ବର୍ଷତମାମ୍ ସମୟ ଅତିବାହିତ କରନ୍ତି । ସେମାନଙ୍କ ପର୍ବପର୍ବାଣି ମଧ୍ୟ ସେହି କ୍ୟାଲେଣ୍ଡର ହିସାବରେ ରହିଥାଏ । ସେମାନଙ୍କ ମତାନୁସାରେ ଯିଶୁଖ୍ରୀଷ୍ଟଙ୍କ ଜନ୍ମ ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀରେ ହୋଇଥିଲା । ସେହି ହିସାବ ଅନୁସାରେ ସେଠାରେ ଦିନ ଗଣନା ଆରମ୍ଭ ହୋଇଥିଲା । ତା' ପରେ କପ୍ଟିକ କ୍ୟାଲେଣ୍ଡର ନିର୍ମାଣ କରାଯାଇଥିଲା । ଇଥିଓପିଆରେ କୌଣସି ପର୍ବ, ପାଳନ ଦିବସ ସେହି ଦିନ ପାଳନ ହୁଏ ନାହିଁ, ଯେଉଁଦିନ ପୃଥିବୀର ଅନ୍ୟାନ୍ୟ ଦେଶରେ ପାଳିତ ହୁଏ । ଏହା ଆଫ୍ରିକାର ଏକ ସ୍ଥଳରୁଦ୍ଧ ଦେଶ, ଯାହା ସରକାରୀ ସ୍ତରରେ ଇଥିଓପିଆ ସଂଘୀୟ ଲୋକତାନ୍ତ୍ରିକ ଗଣରାଜ୍ୟ ଭାବେ ଜଣାଶୁଣା । ଏହା ଆଫ୍ରିକାର ଦ୍ୱିତୀୟ ସବୁଠାରୁ ବଡ଼ ଜନସଂଖ୍ୟା ଥିବା ଦେଶ । ଏହାର ରାଜଧାନୀ ଅଦୀସ ଅବାବା । ଇଥିଓପିଆ ସୁଦାନ୍‌ଠାରୁ ଦକ୍ଷିଣପୂର୍ବରେ, ଇରିଟ୍ରିଆରୁ ଦକ୍ଷିଣରେ, ଜିବୁଦୀ ଏବଂ ସୋମାଲିଆରୁ ପଶ୍ଚିମରେ, କେନିଆଠାରୁ ଉତ୍ତରରେ ଏବଂ ଦକ୍ଷିଣସୁଦାନର ପୂର୍ବରେ ଅବସ୍ଥିତ । ଏହା ପୃଥିବୀର ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ସ୍ଥଳରୁଦ୍ଧ ଦେଶ । ଭାରତଠାରୁ ଏହି ଦେଶର ଦୂରତା ପ୍ରାୟ ୪୩୧୦ କିଲୋମିଟର । ଇଥିଓପିଆ ନିଜର ସାଂସ୍କୃତିକ ପରମ୍ପରା ସହ ବୁଝାମଣା କରି ନ ଥାଏ । ଏଭଳି ଚିନ୍ତାଧାରା ଯୋଗୁ ଏହି ଦେଶ ଉପରେ ଅନ୍ୟ ଦେଶ ପ୍ରଭାବ ବିସ୍ତାର କରିପାରୁନାହିଁ । ଗ୍ରେଗୋରିୟନ କ୍ୟାଲେଣ୍ଡରରେ ବର୍ଷକୁ ୩୬୫ ଦିନ ହୋଇଥାଏ ଏବଂ ଅଧିବର୍ଷରେ (ଚାରିବର୍ଷରେ ଥରେ ଆସେ) ୩୬୬ ଦିନ ହୋଇଥାଏ । ଗ୍ରେଗୋରିଆନ୍ କ୍ୟାଲେଣ୍ଡର୍‌ରେ ବାରମାସ ଥାଏ । ପ୍ରତ୍ୟେକ ମାସ ପୁଣି ୩୦ ଦିନରୁ କମ୍ କିମ୍ବା ବେଶି ହୋଇଥାଏ । ମାତ୍ର ଇଥିଓପିଆର କ୍ୟାଲେଣ୍ଡରରେ ପ୍ରଥମ ବାର ମାସ ୩୦ ଦିନିଆ ଏବଂ ପରବର୍ତ୍ତୀ ମାସଟି ୫ ଦିନିଆ ହୋଇଥାଏ । ଇଥିଓପିଆରେ ଖ୍ରୀଷ୍ଟମାସ ପର୍ବ ମଧ୍ୟ ଡିସେମ୍ବର ୨୫ ନୁହେଁ ବରଂ ଜାନୁୟାରୀ ୭ ତାରିଖରେ ପାଳନ କରାଯାଏ । ଇଥିଓପିଆ କ୍ୟାଲେଣ୍ଡର ହିସାବରେ ଗୋଟିଏ ବର୍ଷରେ ୩୬୫ଦିନ, ୬ଘଣ୍ଟା, ୨ମିନିଟ୍ ଏବଂ ୨୪ ସେକେଣ୍ଡ ହୋଇଥାଏ ।

୬୦୦ ବର୍ଷରେ ଥରେ ଦୁଇ ମିନିଟ୍ ଏବଂ ୨୪ ସେକେଣ୍ଡ ଗୋଟିଏ ଦିନରେ ଯୋଡ଼ି ହୋଇ ସପ୍ତମ ଦିନ ତିଆରି କରେ । ଏହାକୁ ଇଥୋପିୟାନ ରୀନା ମେଲ୍ଟା ଏବଂ ରୀନା ଲେଲିଟ କୁହାଯାଏ । ପ୍ରତି ୬୦୦ ବର୍ଷରେ ଏକ ସ୍ୱତନ୍ତ୍ର ତାରା ଅଦୀକ ବାହାରିଥାଏ ଏବଂ ସୂର୍ଯ୍ୟଙ୍କୁ ଢାଙ୍କିଦିଏ । ସେଠାରେ ଏହାକୁ ସୂର୍ଯ୍ୟପରାଗ କୁହାଯାଏ ।

ଗ୍ରେଗୋରିୟନ କ୍ୟାଲେଣ୍ଡର୍‌କୁ ୧୫୮୨ରେ ପୋପ ଗ୍ରେଗୋରୀ ତିଆରି କରିଥିଲେ । ସେ ଏହା ପୂର୍ବରୁ ବ୍ୟବହାର କରାଯାଉଥିବା ଜୁଲିୟନ୍ କ୍ୟାଲେଣ୍ଡର୍‌ରେ କିଛି ପରିବର୍ତ୍ତନ କରିଥିଲେ । ଏପରି ଅନେକ ଦେଶ ଯେଉଁମାନେ କ୍ୟାଥୋଲିକ୍ ଚର୍ଚ୍ଚ ପ୍ରଭୁତ୍ୱରେ ଥିଲେ ସେମାନେ ଗ୍ରେଗୋରିୟନ କ୍ୟାଲେଣ୍ଡରକୁ ଗ୍ରହଣ କରିଥିଲେ । ଅନେକଙ୍କ ମତ ଥିଲା ନୂତନ କ୍ୟାଲେଣ୍ଡରରେ ୧୧ ଦିନ ବାଦ୍ ଦିଆଯାଇଛି । ତେଣୁ ଲଣ୍ଡନର ସଡ଼କଗୁଡ଼ିକରେ ବିରୋଧ କରାଯାଇଥିଲା । ସେମାନେ ୧୭୫୨ ଯାଏ ଗ୍ରେଗୋରିୟନ କ୍ୟାଲେଣ୍ଡରକୁ ସ୍ୱୀକାର କରି ନ ଥିଲେ । ସୋଭିଏଟ୍ ସଂଘ ମଧ୍ୟ ୧୯୧୮ ପର୍ଯ୍ୟନ୍ତ ଅଲଗା ରହିଥିଲା । ଇଥିଓପିଆ ଯିଶୁଙ୍କ ଜନ୍ମକୁ ଖ୍ରୀ.ପୂ ୭ ଶତାବ୍ଦୀକୁ ଭିତ୍ତିକରି କ୍ୟାଲେଣ୍ଡର ପ୍ରସ୍ତୁତ କରିଥିବା ବେଳେ ଅନ୍ୟ କ୍ୟାଲେଣ୍ଡର ଯିଶୁଙ୍କ ଜନ୍ମକୁ ପ୍ରଥମ ଖ୍ରୀଷ୍ଟାବ୍ଦ ଗ୍ରହଣ କରିବା ଯୋଗୁ ଏଥିରେ ପାର୍ଥକ୍ୟ ଆସିଲା ।


**–ସ୍ମିତା ନାୟକ,** ଭଞ୍ଜନଗର,ଗଞ୍ଜାମ

### ଆସ ଜାଣିବା

## ଓଲି ଓଲି ମ୍ୟୁଜିୟମ ଦୁବାଇ

ପୃଥିବୀର ସୁନ୍ଦରତମ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଅନ୍ୟତମ ଦୁବାଇ । ପୃଥିବୀର ସୁଉଚ୍ଚ ବିଲ୍‌ଡିଂ ବୁର୍ଜ ଖଲିଫା ହେଉ ବା ପାମ ବିଚ୍ ରିସୋର୍ଟ, ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ଏଠାରେ ରହିଛି ଅନେକ ମନୋରଞ୍ଜନଧର୍ମୀ ସ୍ଥାନ । ତେବେ ପିଲାମାନଙ୍କ ପାଇଁ ମଧ୍ୟ ରହିଛି ବିଭିନ୍ନ କୌତୁକିଆ ସ୍ଥାନ । ସେଥିମଧ୍ୟରୁ 'ଓଲି ଓଲି' ମ୍ୟୁଜିୟମ୍ ଅନ୍ୟତମ । ଏହା ଏକ ଏକ୍ସପେରିମେଣ୍ଟାଲ ମ୍ୟୁଜିୟମ, ଯେଉଁଠାରେ ପିଲାମାନେ ଅନେକ ରୋଚକ ଅନୁଭୂତି ଲାଭ କରିବା ସହ ଅନେକ କିଛି ଶିଖିବାର ମଧ୍ୟ ସୁଯୋଗ ପା'ନ୍ତି । ଖେଳ ଖେଳରେ ପିଲାମାନେ ପାଠ ବିଷୟରେ ମଧ୍ୟ ଅନେକ ଜ୍ଞାନ ଆହରଣ କରିଥାନ୍ତି । ଏଠାରେ ୮ଟି ଗ୍ୟାଲେରୀ ସହ ୪୫ଟି ପ୍ରଦର୍ଶନୀ ରହିଛି । ଏଠାରେ ଥିବା ୱାଟର ଗ୍ୟାଲେରୀରେ ପିଲାମାନେ ପାଣି ସମ୍ବନ୍ଧୀୟ ବିଭିନ୍ନ ଖେଳ ଖେଳିବା ସହ ପାଣିବିଜ୍ଞାନ ସମ୍ବନ୍ଧରେ ମଧ୍ୟ ତଥ୍ୟ ଜାଣିବାକୁ ପା'ନ୍ତି । ସେହିଭଳି ଏୟାର ଗ୍ୟାଲେରୀରେ ପିଲାମାନେ ବାୟୁ ସମ୍ବନ୍ଧୀୟ ଅନେକ ଜ୍ଞାନ ଲାଭ କରିବା ସହ ଏରୋପ୍ଲେନ, ରକେଟ କ୍ରାଫ୍ଟ ପ୍ରସ୍ତୁତ କରିବାର ସୁଯୋଗ ମଧ୍ୟ ଲାଭ କରନ୍ତି । ଏହି ମ୍ୟୁଜିୟମର ସବୁଠାରୁ ଆକର୍ଷଣୀୟ ସ୍ଥାନ ହେଉଛି 'ତୋସି ନେଟ' । ହାତ ତିଆରି ଏହି ବୃହଦାକାୟ ନେଟ୍‌ରେ ଚଢି ପିଲାମାନେ ବିଭିନ୍ନ ପ୍ରକାର ଖେଳର ମଜା ମଧ୍ୟ ନେଇଥାନ୍ତି ।









# ତୁ ମ ତୁ ଳୀ ରୁ


୧





୨


୩





୪






୫


୬


୭


୮


୯


୧୦

୧

ପ୍ରୀତି ପ୍ରିୟଦର୍ଶିନୀ
କ୍ଲାସ-୨, ୟଙ୍ଗ ଫୋନିକ୍ସ ପବ୍ଲିକ ସ୍କୁଲ, ଭୁବନେଶ୍ୱର

୨

ଦେବାର୍ଚ୍ଚନା ମହାନ୍ତି
କ୍ଲାସ -୮, ସରକାରୀ ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

୩

ଆକୃତି ଦାଶ
କ୍ଲାସ – ୬, ହୋଲି ଫ୍ୟାମିଲି ଇଂଲିଶ ମିଡିୟମ୍ ସ୍କୁଲ, ନୟାଗଡ

୪

ସ୍ମୃତି ସାରଦା
କ୍ଲାସ – ୩, ସେଣ୍ଟ୍ ଭିନ୍‌ସେଣ୍ଟ୍ କନ୍‌ଭେଣ୍ଟ୍ ସ୍କୁଲ, ବ୍ରହ୍ମପୁର

୫

ଅମନ ଜିତେନ୍ଦ୍ରୀୟ ଦାଶ
କ୍ଲାସ – ୭, କେନ୍ଦ୍ରୀୟ ବିଦ୍ୟାଳୟ – ୩, ମଞ୍ଚେଶ୍ୱର, ଭୁବନେଶ୍ୱର

୬

ସସ୍ମିତା ନାୟକ
କ୍ଲାସ – ୬, ବାଉଁଶବତୀ ୟୁଜିଏମଇ ସ୍କୁଲ, ଭାପୁର, ନୟାଗଡ

୭

ଶ୍ରେୟାଶ୍ରୀ ପଣ୍ଡା
କ୍ଲାସ-୫,ସେଣ୍ଟ ଜୋସେଫ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର

୮

ପ୍ରେକ୍ଷା ପୂର୍ବାସା ବରାଳ
କ୍ଲାସ -୬, କେନ୍ଦ୍ରୀୟ ବିଦ୍ୟାଳୟ -୧, ୟୁନିଟ୍ – ୯, ଭୁବନେଶ୍ୱର

୯

ଅନନ୍ୟା ରୂପାଲି ତ୍ରିପାଠୀ
କ୍ଲାସ-୫, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପାଲି, ମାଲକାନଗିରି

୧୦


ଦିବ୍ୟାଂଶୀ ଜେନା
କ୍ଲାସ – ୩, ସାଇ ଆଙ୍ଗନ ସ୍କୁଲ, ଭୁବନେଶ୍ୱର

## ତୁମ ପଢ଼ିବା ପାଇଁ

### ହରରଙ୍ଗୀ ଚଢ଼େଇ ଓ ବାଂଶରୀବାଲା

**ପି**ଲାଙ୍କ ଗଳ୍ପ ସଂକଳନ 'ହରରଙ୍ଗୀ ଚଢ଼େଇ ଓ ବାଂଶରୀବାଲା'ରେ ତିନି ବିରାଡି କଥା, ସାତ ସଙ୍ଗାତ କଥା, ତାରା ଓ ତରାଟ କଥା, ସୁନା ଚିଙ୍ଗୁଡ଼ି କଥା, ସୁନା ପେଁକାଳି ଓ ରୁପା ପାଉଁଜି ପରି ରହିଛି କେତୋଟି ଶିକ୍ଷଣୀୟ ଗଳ୍ପ। ସୁଭାଷ ଚନ୍ଦ୍ର ଦାଶଙ୍କ ରଚିତ ଏହି ସଙ୍କଳନର ମୂଲ୍ୟ ୧୧୫ଟଙ୍କା।

**ଯୋଗାଯୋଗ:** ୯୫୦(ପି), ଗ୍ରିନ୍ ଭିଲ୍ଲା, ଏନ୍‌କେ ମାର୍ଗ, ବରମୁଣ୍ଡା, ଭୁବନେଶ୍ୱର।




## ଧୀରେ ଧୀରେ ମାଡ଼ି ଆସଇ ଶୀତ



**ଧୀ**ରେ ଧୀରେ ମାଡ଼ି ଆସଇ ଶୀତ
ହସି ଚାଷୀ ପୁଅ ଗାଉଛି ଗୀତ
ଶୀତରେ ସୁଆଦ ଗରମ ବରା,
ସୁଜି କାକରା,
ଚା' ଓ ମୁଢ଼ି
ଆଇ ଖୋଲିଦବ ଗପର ପେଡ଼ି।

ରାଜୁତି କରିବ କୁହୁଡ଼ି ରାଜା
ନିଆଁ ପୋଇଁବାକୁ ଡାକିବେ ଅଜା
ଫଳିବ ଯେ କେତେ ପନିପରିବା,
ଫୁଟିବ ଫୁଲ,
ହସିବ ଧରା
ମାଳ ମାଳ ପକ୍ଷୀ ଆକାଶ ସାରା।

ଶୀତ ଆସିଅଛି ହବାକୁ ମିତ
ଥଣ୍ଡା ପାଣି ସ୍ନାନ ଦେହକୁ ହିତ
ସଞ୍ଜ ହଉ ହଉ ଶୀତ ଆସିବ
ମା ଡାକିବ,
ଦବ ଚାଦର
ବାପା ଆଣିଦେବେ ନୂଆ ସ୍ୱେଟର।

ଶୀତ ନେଇ ଆସେ ଶୀତୁଆ ରାତି
ସକାଳ ଗାଧୁଆ ଥରଇ ଛାତି
ଗୁରୁବାର ମାଣବସା ହୋଇବ,
ଘର ଲିପା ହୋଇ ଝୋଟି ପଡିବ,
ଏକାଠି ସବୁ
ମା ହାତ ପିଠାପଣା ଖାଇବୁ।

**– ଦିଲିପ କୁମାର ତ୍ରିପାଠୀ**
ପର୍ଜଙ୍ଗ, ଢେଙ୍କାନାଳ
ମୋ: ୯୭୭୮୧୦୬୧୦୫

## କବିତା

### ଗାଇବା ଦେଶର ଜୟଗୀତି

**ଭ**ଲପାଅ ପିଲେ ଭଲ ପାଅ,
ନିଜ ପିତାମାତା ନିଜ ପଡ଼ୋଶୀଙ୍କୁ
ଭକତି ଭାବରେ ବାନ୍ଧିଦିଅ ।
ସମର୍ପଣ ଭାବ ମନେ ନେଇ,
ଜେଜ ଜେଜିମା' ଗୁରୁ ଗୁରୁଜନେ
ସେବା କର ନିଜ ମନ ଦେଇ ।
ମନ ଦେଇ ତୁମେ ପାଠ ପଢ଼,
ଜ୍ଞାନ ଆଲୋକରେ ଆଲୋକିତ ହୋଇ
ନିଜର ଜୀବନ ନିଜେ ଗଢ଼ ।
ଅସୀମ ସାହସ ମନେ ଭରି,
ବୀର ପରି ତୁମେ କାମ କରିଯାଅ
ଜୀବନେ ନ ଯାଅ କେବେ ହାରି ।
ସତ୍ୟ ଧର୍ମ ପଥେ ରଖ ଲକ୍ଷ୍ୟ,
ଜୀବନର ଚଲାପଥେ ନ ଝୁଣ୍ଟିବ
ସବୁକାମେ ତୁମ ହେବ ଜୟ ।
ତୁମେ ଆମ ଦେଶ ଭବିଷ୍ୟତ,
ଆଗାମୀ ଦିନରେ ନିଜର କାମରେ
ଗଢ଼ିଦିଅ ସୁନାର ଭାରତ ।
ପିଲାଏ ଶପଥ ଆଜି ନିଅ,
ଦୁର୍ନୀତିମୁକ୍ତ ଦେଶ ଗଢ଼ିବାକୁ
ହାତରେ ହାତ ମିଶାଇ ଦିଅ ।
ଗାଇବା ଦେଶର ଜୟଗୀତି,
ଦେଶରୁ ଆତଙ୍କବାଦ ହଟାଇବା
ମାଟି ମାଆ ପାଇଁ ଦେବା ଛାତି ପାତି ।




**– ପ୍ରଫୁଲ୍ଲ କୁମାର ସାହୁ,** ରାଧାକୃଷ୍ଣ ନୋଡାଲ ଉ.ପ୍ରା. ବିଦ୍ୟାଳୟ, ନିଶ୍ଚିନ୍ତକୋଇଲି, କଟକ




### କେଉଁଟି ଅଲଗା

- ଗଛ, ପତ୍ର, ଫୁଲ, ଚେର, କାଣ୍ଡ
- ଇତିହାସ, ଭୂଗୋଳ, ସାହିତ୍ୟ,ବିଜ୍ଞାନ, ପତ୍ରଲିଖନ
- ଡାକ୍ତର, ଶିକ୍ଷକ, ଜ୍ୟୋତିଷ, ଛାତ୍ର, ଇଞ୍ଜିନିୟର
- ଏଣ୍ଡୁଅ, ମାଛ, କଙ୍କଡା, ଚିଙ୍ଗୁଡି, ସିନ୍ଧୁଘୋଟକ
- ନଡିଆ, ତାଳ, ନାସପାତି, ବେଲ, କଇଥ


### ଆରଥରର ଉତ୍ତର

- ବ୍ୟାଙ୍କକକ୍
- ହିମାଳୟ
- ଆଫଗାନିସ୍ତାନ
- କାସ୍ପିଆନ
- ବୁର୍ଜଖଲିଫା।

## କହିଲ ଦେଖି

ଦେହ ସାରା ଥାଏ ଗଣ୍ଠି ତାହାର
ଆମକୁ ଦିଏ ସେ କେତେ ଆହାର
ଭାରି ମିଠା ଲାଗେ ରସ ତାହାରି
ଚିନି ଗୁଡ ସବୁ ସେଠୁ ତିଆରି ।

ଉ– **ଆଖୁ**



କଳା ଅଟେ ସିନା ରଙ୍ଗଟି ତାର
ସୁର ତା'ର ଅଟେ ଭାରି ମଧୁର
କିଏ ସେ କହିବ ନାମ ତାହାର ।

ଉ– **କୋଇଲି**



ସର୍ପ ପରି ପରା ଦିଶଇସିଏ
ହେଲେ ସିଏ ସର୍ପଟେ ନୁହେଁ
ଉପକାରୀ ଅଟେ ଚାଷୀଙ୍କ ପାଇଁ
ଉପକାର କରେ କ୍ଷେତରେ ରହି
ସନ୍ତସନ୍ତିଆ ଜାଗେ ତୋଳଇ ଘର
ମାଟିକୁ କରୁଥାଏ ସିଏ ଉର୍ବର ।

ଉ– **ଜିଆ**



ଧାନକୁ ଭିଜେଇ ଦିଅନ୍ତି ପେଷି
ତାକୁ ଖାଇ ସବୁ ହୁଅନ୍ତି ଖୁସି
ହେଉଥାଏ ଯଦି ପତଳା ଝାଡା
ପେଟ ପାଇଁ ତାହା ନିହାତି ଲୋଡା
ଭଲ ଖାଦ୍ୟ ସିଏ ଶିଶୁଟେ ପାଇଁ
କିଏସେ ପାରିବ ନାମ ତା' କହି ।

ଉ– **ଚୁଡା**



**– ପ୍ରଶାନ୍ତ କୁମାର ନାଥ,** ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର, ମୋ:୮୮୯୨୩୦୧୧୪୩

## ପାର୍ଥକ୍ୟ ଦର୍ଶାଅ



# ଜଣା ଅଜଣା



✲ ଅକ୍ଟୋପସ ରଙ୍ଗ ବଦଳାଇବାରେ ମାହିର। ସେ ଏକ ଘଣ୍ଟାରେ ୧୭୦ ଥରରୁ ଅଧିକ ନିଜ ରଙ୍ଗ ବଦଳାଇପାରେ।



✲ ଓଟ ଭଳି ଜିରାଫ ପାଣି ନ ପିଇ ଅନେକ ଦିନ ପର୍ଯ୍ୟନ୍ତ ବଞ୍ଚି ରହିପାରେ।  କାରଣ ସେ ଆବଶ୍ୟକ କରୁଥିବା ପାଣି, ଖାଉଥିବା ଖାଦ୍ୟ ଯଥା ଘାସ, ଗଛ ପତ୍ର ଆଦିରୁ ପାଇଯାଇଥାଏ।



✲ ମହୁମାଛିଙ୍କର ୨୦ ହଜାର ପ୍ରଜାତି ଥିବା ବେଳେ କେବଳ ୪ ଟି ପ୍ରଜାତି ହିଁ ମହୁ ଉତ୍ପନ୍ନ କରିବାରେ ସକ୍ଷମ।




✲ ପୃଥିବୀରେ ଗଣ୍ଡାର ୫ ଟି ପ୍ରଜାତି ରହିଛି। ତେବେ ଆଫ୍ରିକାରେ ଦେଖାଦେଉଥିବା ଧଳାଗଣ୍ଡା ସବୁଠାରୁ ସ୍ୱତନ୍ତ୍ର ଏବଂ ବିରଳ।



✲ମୟୂରର ଅଦ୍ଭୁତ ସୁନ୍ଦରତା ହେତୁ ଭାରତ ସରକାର ୧୯୬୩, ଜାନୁୟାରୀ ୨୬ରେ ଏହାକୁ ଭାରତର ଜାତୀୟ ପକ୍ଷୀ ଭାବେ ଘୋଷଣା କରିଥିଲେ।



ପିହୁ
୬ ବର୍ଷ



ଜିମି
୭ ବର୍ଷ



କାବ୍ୟାଶ୍ରୀ
୭ ବର୍ଷ

# ଆଇନା